Chapter- 4

# ସନ୍ଧ୍ୟା

## WORKSHEET

୧. ଅପଠିତାଂଶଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

ମହାମହିମ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପ୍ରତିବର୍ଷ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ପାଳିତ ହୁଏ। ଏହା ପୃଥିବୀ ପ୍ରସିଦ୍ଧ। ଏହାକୁ ଶ୍ରୀଗୁଣ୍ଡିଚା ଯାତ୍ରା ବା ଘୋଷଯାତ୍ରା ମଧ୍ୟ କୁହାଯାଏ। ଏହି ଯାତ୍ରାରେ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ତିନୋଟି ରଥରେ ବସି ବଡ଼ଦାଣ୍ଡରେ ଯାତ୍ରା କରନ୍ତି। ଏହା ବିଶ୍ୱମାନବର ଜୟଯାତ୍ରା। ଏହା ଉତ୍କଳୀୟ ସଂସ୍କୃତିର ଗର୍ବଗୌରବର ପ୍ରତୀକ। ସର୍ବଧର୍ମ ସମନ୍ୱୟ ଓ ଜାତିଭେଦର ନିରାକରଣ ରଥଯାତ୍ରାର ଅନ୍ୟତମ ମହତ୍ତ୍ୱ। ଏହା ଆମକୁ ସାମ୍ୟ, ମୈତ୍ରୀ ଓ ଭ୍ରାତୃଭାବ ଶିକ୍ଷା ଦେଇଥାଏ।

କ) ପ୍ରତିବର୍ଷ କେଉଁ ଠାକୁରଙ୍କର ରଥଯାତ୍ରା ପାଳନ କରାଯାଇଥାଏ ?

ଉ: ପ୍ରତିବର୍ଷ ମହାମହିମ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଳନ କରାଯାଇଥାଏ।

ଖ) ଏହି ରଥଯାତ୍ରା କେଉଁ ତିଥିରେ ପାଳିତ ହୁଏ ?

ଉ: ରଥଯାତ୍ରା ପ୍ରତିବର୍ଷ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ପାଳିତ ହୁଏ।

ଗ) ଏହି ଯାତ୍ରାରେ କ'ଣ ହୁଏ ?

ଉ: ଏହି ଯାତ୍ରାରେ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ତିନୋଟି ରଥରେ ବସି ବଡ଼ଦାଣ୍ଡରେ ଯାତ୍ରା କରନ୍ତି।

ଘ) ଏହି ଯାତ୍ରାର ଆଉ କ'ଣ ମହତ୍ତ୍ୱ ଅଛି ?

ଉ: ସର୍ବଧର୍ମ ସମନ୍ୱୟ ଓ ଜାତିଭେଦର ନିରାକରଣ ରଥଯାତ୍ରାର ଅନ୍ୟତମ ମହତ୍ତ୍ୱ।

ଙ) ଏହି ଘୋଷଯାତ୍ରା ଆମକୁ କ'ଣ ଶିକ୍ଷା ଦେଇଥାଏ ?

ଉ: ଏହି ଘୋଷଯାତ୍ରା ଆମକୁ ସାମ୍ୟ, ମୈତ୍ରୀ ଓ ଭ୍ରାତୃଭାବ ଶିକ୍ଷା ଦେଇଥାଏ।

୨. ଶୂନ୍ୟସ୍ଥାନ ପୂରଣ କର।

କ) ଅସ୍ତ ହେଲେ ଦିନମଣି ହେଲା ଦିନ ଶେଷ।

ଖ) ଧୂଳି ଉଡ଼ାଇଣ ଦାଣ୍ଡେ କରି ହମ୍ବା ରଡ଼ି।

ଗ) ହଳକାମ ସାରି ଚଷା ମହା ଆନନ୍ଦରେ।

ଘ) ଦିନ-ଶ୍ରମ ଅନ୍ତେ ବସି ନିଜ ନିଜ ଘରେ।

ଙ) ତାହାର ପରଶେ ଏବେ ସୁଦିନ ।

୩. ବିଷୟବସ୍ତୁ ସମ୍ପର୍କିତ ପ୍ରଶ୍ନୋତ୍ତର।

କ) "ହଳକାମ ସାରି ଚଷା ମହାନନ୍ଦରେ

ନାନାରଙ୍ଗେ ଗୀତଗାଇ ବାହୁଡ଼ଇ ଘରେ"।

i) ଏହି ପଦଟି କେଉଁ ବିଷୟରୁ ଆସିଅଛି ?

ଉ: ଏହି ପଦଟି ସନ୍ଧ୍ୟା ବିଷୟରୁ ଆସିଅଛି

ii) କେତେବେଳେ ଚାଷୀ ମହାଆନନ୍ଦରେ ଘରକୁ ଫେରେ ?

ଉ: ହଳକାମ ସାରି ଚାଷୀ ମହାଆନନ୍ଦରେ ସନ୍ଧ୍ୟାରେ ଘରକୁ ଫେରେ।

ଖ) ''ଦିନ ଶ୍ରମ ଅନ୍ତେ ବସି ନିଜ ନିଜ ଘରେ

ବିଶ୍ରାମ ଲୋଡ଼ନ୍ତି ସର୍ବେ ଆକୁଳ ଅନ୍ତରେ''।

i) ଏହି ପଦଟିରେ କେତେବେଳେ ଲୋକମାନେ ବିଶ୍ରାମ ଲୋଡ଼ନ୍ତି ବୋଲି କୁହାଯାଇଛି ?

ଉ: ଲୋକମାନେ ସନ୍ଧ୍ୟା ବେଳେ ବିଶ୍ରାମ ଲୋଡନ୍ତି।

ii) ଲୋକମାନେ କାହିଁକି ବିଶ୍ରାମ ଲୋଡ଼ନ୍ତି ?

ଉ: ଲୋକମାନେ ଦିନ ସାରା କଠିନ ପରିଶ୍ରମ ପରେ ଥକି। ନିଜ ଘରେ ... ପାଇଁ ବିଶ୍ରାମ ଲୋଡନ୍ତି।

iii) ସନ୍ଧ୍ୟା ସମୟରେ ଲୋକମାନେ କେଉଁଠି ରହିବାକୁ ଭଲପାଆନ୍ତି ?

ଉ: ସନ୍ଧ୍ୟା ସମୟରେ ଲୋକମାନେ ନିଜ ଘରେ ରହିବାକୁ ଭଲପାଆନ୍ତି।

ODM EDUCATIONAL GROUP Changing your Tomorrow

୪. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।

କ) ଦିନ କେତେବେଳେ ଶେଷ ହୋଇଥାଏ ?

ଉ: ସନ୍ଧ୍ୟା ହେଲେ ଦିନ ଶେଷ ହୋଇଥାଏ।

ଖ) ଚଷାଭାଇ କେମିତି ଘରକୁ ଫେରେ ?

ଉ: ଚଷାଭାଇ ମହାଆନନ୍ଦରେ ନାନା ପ୍ରକାର ଗୀତ ଗାଇ ଗାଇ ଘରକୁ ଫେରେ।

ଗ) ସନ୍ଧ୍ୟା ହେଲେ କେଉଁ କେଉଁ ସ୍ଥାନରେ ଅନ୍ଧାର ଘୋଟିଯାଏ ?

ଉ: ସନ୍ଧ୍ୟା ହେଲେ ଜଳ, ସ୍ଥଳ, ଆକାଶ, ପର୍ବତ କାନନ ସବୁଠାରେ ଅନ୍ଧାର ଘୋଟିଯାଏ।

ଘ) ଦିନର କ'ଣ ଭାଙ୍ଗିଯାଇଛି ?

ଉ: ଦିନର ଗର୍ବ ଗହଳ ଭାଙ୍ଗିଯାଇଛି।

ଙ) କାହାର ପରଶରେ ନରନାରୀଗଣ ମୁଦିବେ ନୟନ ?

ଉ: ବିଦ୍ୟୁତ୍ ପରଶରେ ନରନାରୀଗଣ ମୁଦିବେ ନୟନ।

୫. ତଳେ ଦିଆଯାଇଥିବା ଶବ୍ଦକୁ ନେଇ ବାକ୍ୟଗଠନ କର।

କ) ନୟନ - ଆମେ ନୟନରେ ଦେଖି ପାରୁ

ଖ) ଗଗନ - ଗଗନରେ ପକ୍ଷୀ ମାନେ ଉଡି ବୁଲି କରିଥାନ୍ତି

ଗ) ବିଶ୍ରାମ - ପକ୍ଷୀମାନେ ବିଶ୍ରାମ ନେଉଛନ୍ତି।